# ଅଧିକାରୀ ଚାଉଳ, ପାଣି ବନ୍ଦ ଧମକ ଦେଉଥିବା ଅଭିଯୋଗ

- ସିଡିପିଓଙ୍କ ବିରୋଧରେ ଜିଲାପାଳଙ୍କୁ ଜଣାଇଲେ ଗ୍ରାମବାସୀ
- ଅଭିଯୋଗକୁ ଖଣ୍ଡନ କଲେ ଅଧିକାରୀ

ନବରଙ୍ଗପୁର,୪।୫(ସଦାଶିବ ପ୍ରହରାଜ)



ଜିଲାପାଳ ମହେଶ୍ୱର ସ୍ୱାଇଁ ଅଭିଯୋଗକାରୀଙ୍କ ସହ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତର ନୂଆଗୁଡ଼ା ଗ୍ରାମବାସୀ ଜିଲାପାଳ ମହେଶ୍ୱର ସ୍ୱାଇଁଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ଅଙ୍ଗନୱାଡି କର୍ମୀ, ସହାୟିକା ଓ ସିଡିପିଓଙ୍କ ବିରୋଧରେ ଲିଖିତଭାବେ ଜଣାଇଛନ୍ତି। ସିଡିପିଓ ଆଧାର, ଚାଉଳ ଓ ପାଣି ବନ୍ଦ କରିଦେବାର ଧମକ ଦେଇଥିବା ନେଇ ସେମାନେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। କେବଳ ଧମକ ନୁହେଁ ଏହାର ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଥିବା ନେଇ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନୂଆଗୁଡ଼ା ଗ୍ରାମର ଅଙ୍ଗନୱାଡି କର୍ମୀ ରଞ୍ଜିତା ଜାଲ, ସହାୟିକା କୁସୁମା ମାଝୀ ଓ ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାଶଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି।

ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ଅଙ୍ଗନୱାଡି କର୍ମୀ ଅନ୍ୟ ଧର୍ମର ହୋଇଥିବାବେଳେ ଅନୁସୂଚିତ ଜାତି ପ୍ରମାଣପତ୍ର ଦେଇ ଚାକିରି କରୁଥିବା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରୁ ଜଣାପଡ଼ିଛି। ଏଥିସହ ନିୟମିତ କେନ୍ଦ୍ରକୁ ଆସୁନାହାନ୍ତି। ସରକାର ଯୋଗାଇ ଦେଉଥିବା ସମସ୍ତ ପୃଷ୍ଟିକର ଖାଦ୍ୟକୁ ନ ବାଣ୍ଟି ହଡ଼ପ କରୁଛନ୍ତି। ଅଙ୍ଗନବାଡି କର୍ମୀଙ୍କ ଏହି କାର୍ଯ୍ୟ ସମ୍ପର୍କରେ ସିଡିପିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଏହାପରେ ସହାୟିକାଙ୍କ ସ୍ୱାମୀ ଅଭିଯୋଗକାରୀଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇଥିବା ଗ୍ରାମବାସୀ ଜିଲାପାଳଙ୍କୁ କହିଛନ୍ତି। ସିଡିପିଓ ଗ୍ରାମକୁ ଆସି କଥା ରଫାଦଫା କରିବାର ଚେଷ୍ଟା କରିବା ସହ ଚାଉଳ କାର୍ଡ, ଆଧାର କାର୍ଡ ଓ ସରକାରୀ ପାଣି କାଟିଦିଆଯିବ ବୋଲି ଧମକ ଦେଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହ ନିଜ ପିଲାଙ୍କୁ ସ୍କୁଲରେ କେମିତି ନାମ ଲେଖାଇବ ମୁଁ ଦେଖିବି ବୋଲି ସିଡିପିଓ ଧମକ ଦେଉଥିବାରୁ ଭିଡିଓ ମଧ୍ୟ ଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଅଙ୍ଗନୱାଡି କର୍ମୀ ମିଥ୍ୟା ପ୍ରମାଣପତ୍ର ଦେଇ ଚାକିରୀ କରିବା ଅଭିଯୋଗ ସମ୍ପର୍କରେ ଜଣାପଡ଼ିବା ପରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ମଧ୍ୟ ଅଭିଯୋଗ କରାଯାଇଥିଲା। ଏହାପରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ମିଳିଥିଲା। ତଥାପି କୌଣସି ସୁଫଳ ମିଳି ନ ଥିବାରୁ ପୁଣି ଥରେ ଅଭିଯୋଗ କରିଥିବା କହିଛନ୍ତି। ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଜିଲାପାଳ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗ ସମ୍ପର୍କରେ ପାପଡ଼ାହାଣ୍ଡି ସିଡିପିଓଙ୍କୁ ପଚାରିବାରୁ ହିତାଧିକାରୀଙ୍କ ଇ-କେୱାଇସି ନହେଲେ ହିତାଧିକାରୀ ତାଙ୍କର ସୁବିଧା ସୁଯୋଗ ପାଇବେ ନାହିଁ। ସେମାନଙ୍କ ରାସନ୍ କଟିଯିବ ବୋଲି ବୁଝାଇଥିଲି। ଗ୍ରାମବାସୀ ଏହାକୁ ଅନ୍ୟ ଦିଗକୁ ନେଇ ଅଭିଯୋଗ କରୁଛନ୍ତି ଉକ୍ତ ଗାଁକୁ ପୁଣି ପରିଦର୍ଶନ କରିବି। ହିତାଧିକାରୀ ପାଇବାକୁ ଥିବା ଖାଦ୍ୟରୁ ଯେମିତି ବଞ୍ଚିତ ହେବେ ନାହିଁ ସେ ଦିଗରେ ଦୃଷ୍ଟି ଦିଆଯାଉଛି ବୋଲି କହିଛନ୍ତି।

# ନିର୍ବାଚନ ଅଧିକାରୀଙ୍କ ଥାନାରେ ଏତଲା

**ନବରଙ୍ଗପୁର ଜିଲା ଓକିଲ ସଂଘ ନିର୍ବାଚନ**

- ଆଇନଜୀବୀ ନିର୍ବାଚନରେ କାର୍ଯ୍ୟରେ ବାଧା, ଆପରାଧିକ ଧମକ ଦେଉଥିବା ଅଭିଯୋଗ

ନବରଙ୍ଗପୁର,୪।୫ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଓକିଲ ସଂଘ ନିର୍ବାଚନ ଅଧିକାରୀ ସରୋଜ କୁମାର ବେହେରା ଆଇନଜୀବୀ ମୃତ୍ୟୁଞ୍ଜୟ ମହାରଣାଙ୍କ ବିରୋଧରେ ନବରଙ୍ଗପୁର ଥାନାରେ ସୋମବାର ଏତଲା ଦେଇଛନ୍ତି। ଆଇନଜୀବୀ ମହାରଣା ନିର୍ବାଚନରେ କାର୍ଯ୍ୟରେ ବାଧା ସୃଷ୍ଟିକରିବା, ଅପରାଧିକ ଧମକ, ଆକ୍ରମଣ ଉଦ୍ୟମ ଓ ଜାତିଭିତ୍ତିକ ଦୁର୍ବ୍ୟବହାର କରିଥିବା ନେଇ ନବରଙ୍ଗପୁର ଥାନାରେ ଦିଆଯାଇଥିବା ଏତଲାରେ ଉଲ୍ଲେଖ ରହିଛି।

ଓଡ଼ିଶା ରାଜ୍ୟ ଓକିଲ ପରିଷଦ ଚିଠି ଅନୁଯାୟୀ ବେହେରାଙ୍କୁ ନବରଙ୍ଗପୁର ଜିଲା ଓକିଲ ସଂଘ ଆଗାମୀ ନିର୍ବାଚନ ୨୦୨୬-୨୭ ପାଇଁ ଅଧିକାରୀ ଭାବେ ବିଧିବଦ୍ଧ ଭାବରେ ନିଯୁକ୍ତ କରାଯାଇଛି। ଉକ୍ତ ନିଯୁକ୍ତି ଅନୁଯାୟୀ ସେ ୧ ମେ ୨୦୨୬ରେ ନିର୍ବାଚନ ବିଜ୍ଞପ୍ତି ଜାରି କରିଥିଲି। ନାମାଙ୍କନପତ୍ର ବିକ୍ରୟ ପ୍ରକ୍ରିୟା ଆରମ୍ଭ କରିଥିଲେ। ୨ ମେ ୨୦୨୬ ପୂର୍ବାହ୍ନ ୧୦ଟା ୩୦ରେ ଆଇନଜୀବୀ ମହାରଣା ନିର୍ବାଚନ କାର୍ଯ୍ୟାଳୟକୁ ଆସି ସଭାପତି ପଦ ପ୍ରତିଦ୍ୱନ୍ଦ୍ୱିତା ପାଇଁ ନାମାଙ୍କନ ପତ୍ର ମାଗିଲେ। ସେ ରାଜ୍ୟ ବାର କାଉନସିଲର ଅନୁମୋଦନ ଓ ନିଯୁକ୍ତିପତ୍ର ଦେଖାଇବାକୁ କହିଥିଲେ। ତାଙ୍କୁ ହ୍ୱାଟ୍ସଆପରେ ଉପଲବ୍ଧ ପ୍ରାସଙ୍ଗିକ କାଗଜପତ୍ର ଦେଖାଇବା ପରେ ସେ ଅସନ୍ତୁଷ୍ଟ ହୋଇ ସ୍ଥାନ ଛାଡ଼ି ଚାଲଯାଇଥିଲେ। ୩ ମେ ୨୦୨୬ ପୂର୍ବାହ୍ନ ୯ଟାରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଥିବାବେଳେ ତାଙ୍କର ନାମାଙ୍କନ ଆବେଦନ ପ୍ରତ୍ୟାଖ୍ୟାନ ବିଷୟରେ ଜାଣି ପ୍ରତିକ୍ରିୟାଶୀଳ ହୋଇଥିଲେ। ସେ ନିର୍ବାଚନ ସମ୍ବନ୍ଧୀୟ କାଗଜପତ୍ର ଛଡ଼ାଇ ନେବାକୁ ଚେଷ୍ଟା ଓ ଆକ୍ରମଣ କରିବାକୁ ମଧ୍ୟ ଚେଷ୍ଟା କରିଥିବା ଏତଲାରେ ଉଲ୍ଲେଖ ରହିଛି। ନିର୍ବାଚନ ଅଧିକାରୀ ଅନୁସୂଚିତ ଜାତିର ହୋଇଥିବାରୁ ମହାରଣାଙ୍କ କଥା ଅପମାନିତ କରିଥିବା ସେ ଅଭିଯୋଗ କରିଛନ୍ତି। ଏହି ସମୟରେ ସହକାରୀ ନିର୍ବାଚନ ଅଧିକାରୀ କିଶୋର ପଟ୍ଟନାୟକ ପ୍ରଦୀପ ସାହୁ, ଶେଖ ବାବା ଆଲିଶା, ତପନ ସିଂହ ଓ ସଂଘର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିବା ଏତଲାରେ ଉଲ୍ଲେଖ ରହିଛି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ଥାନାଧିକାରୀ ସମ୍ପିତ ବେହେରାଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲାଇ କହିଛନ୍ତି।

# ୩୧ରୁ ୪ ଅଭିଯୋଗର ତୁରନ୍ତ ସମାଧାନ

**ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର**

ନବରଙ୍ଗପୁର,୪।୫ (ସଦାଶିବ ପ୍ରହରାଜ)



ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି ।

ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ଜିଲାପାଳ ମହେଶ୍ୱର ସ୍ୱାଇଁ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ଶିବିରରେ ମୋଟ ୩୧ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୬ ବ୍ୟକ୍ତିଗତ ଓ ୫ ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଅଭିଯୋଗ ମୁଖ୍ୟତଃ ଚିକିତ୍ସା ସହାୟତା, ପାନୀୟ ଜଳ, ରାସ୍ତା, ଜମି ବିବାଦ, ନାଳ ମରାମତି ,ଭତ୍ତା ଓ ବାସଗୃହ ସମ୍ବନ୍ଧୀୟ ଥିଲା। ୪ ଅଭିଯୋଗର ସମାଧାନ ତୁରନ୍ତ କରାଯାଇଥିଲା। ଜିଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ୨ ଟି କୃତ୍ରିମ ଅଙ୍ଗ ପ୍ରଦାନ କରାଯାଇଥିଲା।

# ପୋଲିସ ବିରୋଧରେ ଅଭିଯୋଗ ଆଣିଲେ ମହିଳା

ନବରଙ୍ଗପୁର, ୪।୫(ସଦାଶିବ ପ୍ରହରାଜ)



ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପାପଡ଼ାହାଣ୍ଡି ଥାନା ଡେଙ୍ଗାଗୁଡ଼ା ଗାଁରୁ ମଦମୁକ୍ତି ପାଇଁ ଅଣ୍ଟା ଭିଡିଥିବା ମହିଳାଙ୍କୁ ପୋଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ମହିଳାମାନେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମହିଳା ନେତ୍ରୀ ଦ୍ରୌପଦୀ ହରିଜନ, ପ୍ରଭା ଗୌଡ଼, ପାର୍ବତୀ ଗୌଡ଼, ଦେବକି ଗୌଡ଼ଙ୍କ ସମେତ ବହୁ ମହିଳା ଅଭିଯୋଗ କରିଛନ୍ତି ଯେ, ଗାଁର ଦୀର୍ଘ ୨ ମାସ ଧରି ଗାଁରେ ମଦ ବ୍ୟାନ୍ କରାଯାଇଛି। ଏଥି ପାଇଁ ମଦ ବେପାରୀ ଓ ମଦ୍ୟପ ସେମାନଙ୍କୁ ଜୀବନରେ ମାରିଦେବାକୁ ଧମକ୍ ଚମକ ଦେଇ ଟାଙ୍ଗିଆ ଧରି ଗୋଡ଼ାଉଛନ୍ତି। କିଛି ଦିନ ତଳେ ପାପଡ଼ାହାଣ୍ଡି ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। କିନ୍ତୁ ମଦ୍ୟପଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଓଲଟା ମହିଳାମାନଙ୍କୁ ପୋଲିସ କର୍ମଚାରୀ ଦୁର୍ବ୍ୟବହାର କରିବା ସହିତ ପାଲଟା ମାମଲା ରୁଜୁ କରାଯିବ ବୋଲି କହିଥିଲେ। କେବଳ ଜଣେ ମଦ୍ୟପର ଗାଳିଗୁଲଜ ପାଇଁ ରାତିଅଧରେ ପୋଲିସକୁ ଡାକିବାକୁ କିଏ ଅଧିକାର ଦେଲା ବୋଲି ମହିଳାମାନଙ୍କୁ ପୋଲିସ ପାଲଟା ପ୍ରଶ୍ନ କରିଥିବା ଅଭିଯୋଗ ହୋଇଛି।। ଗାଁରେ ମଦମୁକ୍ତି ପାଇଁ ମହିଳାମାନେ ଲଢୁଥିବା ବେଳେ ପୋଲିସ ବେଆଇନ ମଦ କାରବାରକୁ ବନ୍ଦ ଦିଗରେ ସହଯୋଗ କରିବା ପରିବର୍ତ୍ତେ ନୀରବ ରହୁଥିବା ସେମାନେ ଅଭିଯୋଗ କରିଛନ୍ତି। ତେଣୁ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳା ମାନେ ଦାବି କରିଛନ୍ତି।

# କାଳିମେଳାରେ ବିଜୟ ଉତ୍ସବ ପାଳିଲା ଭାଜପା

କାଳିମେଳା, ୪।୫(ଜୀବନ କୃଷ୍ଣ ଦାସ)

ପଶ୍ଚିମବଙ୍ଗ, ଆସାମରେ ଭାଜପାର ବିଜୟ ପରେ ମାଲକାନଗିରି ଜିଲା କାଳିମେଳା ବ୍ଲକରେ ଦଳୀୟ କର୍ମୀମାନେ ବିଜୟ ଉତ୍ସବ ପାଳିଛନ୍ତି। କାଳିମେଳା ବିଜୟ ଉତ୍ସବ ପାଳନ ବେଳେ କାଳିମେଳା ମଣ୍ଡଳ ସଭାପତି ରାମଚନ୍ଦ୍ର ବେଟୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସୋଡ଼ୀ, ଉତ୍ତମ ଓଝାଙ୍କ ସମେତ ବହୁ କର୍ମୀ ଦଳୀୟ ପତାକା ଧରି ,ତ୍ରେ ସାମିଲ ହୋଇଥିଲେ।

ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା, ୭୫୨୦୧୪
Odia University, Satyabadi, Puri, Odisha, 752014
Website:https://odiauniversity.ac.in
Email: odiauniversityrecruitment@gmail.com

NOTICE

No.515 Date:30.04.2026

Advt.No. 01 of 2026/27

(ADVERTISEMENT FOR RECRUITMENT TO THE TEACHING POSTS)

No.11001/23/2627: Online applications are invited from prospective candidates for recruitment to the posts of **Professor/Associate Professor/Assistant Professors** in different departments of Odia University in the mentioned scale of pay of the pay matrix under Odisha Revised Scales of Pay for University Teachers (UGC Scale of Pay) Rule, 2019 with usual dearness allowance and other allowances as may be sanctioned by the Government of Odisha from time to time, through the proforma application to be made available on the WEBSITE (http://hims.odisha.gov.in). The link for registration, payment of application fee and submission of online applications shall be available from 05.05.2026 till 04.06.2026. For Advertisement details the candidates are requested to check the University website https://odiauniversity.ac.in from 05.05.2026 onwards.

| Teaching (Faculty) Positions | Total Vacancy |
|---|---|
| (Professors/ Associate Professors/ Assistant Professors) | 21 |

OIPR-11001/11144/1/26-27/0002

Sd./- REGISTRAR
ODIA UNIVERSITY

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପ୍ରଧାନଶିକ୍ଷକ ଭୀମ ଡୁରୁକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ମାଲକାନଗିରି, ୪।୫ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବ୍ଲକ୍ ମିଛୁଆରିଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ସ୍କୁଲର ପ୍ରଧାନଶିକ୍ଷକ ଭୀମ ଡୁରୁକାଙ୍କୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ମମତା ସୋୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଗୌରାଙ୍ଗ ସଜ୍ଜନ, ଅଶ୍ୱିନୀ କୁମାର ମାଝୀ, ସେରପାଲ୍ଲୀ ଗ୍ରାମପଞ୍ଚାୟତ ସରପଞ୍ଚ ସୁମିତ୍ରା ମାଡକାମି, ସମିତି ସଭ୍ୟ ଜୟରାମ ମାଡକାମି, କୋରୁକୋଣ୍ଡା ବ୍ଲକ ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ମାଡା ମାଡକାମି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ଡୁରୁକା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଭୀମ ଡୁରୁକା ୧୯୮୮ରେ ମାଲକାନଗିରି ଜିଲାରୁ ଶିକ୍ଷକତା ଆରମ୍ଭ କରିଥିଲେ। ତାଙ୍କ ଅଧୀନରେ ଶିକ୍ଷା ଗ୍ରହଣ କରିଥିବା ଛାତ୍ରୀଛାତ୍ର ଆଜି ବିଭିନ୍ନ ଉଚ୍ଚ ପଦପଦବୀରେ କାର୍ଯ୍ୟରତ ଅଛନ୍ତି। ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ର କିପରି ଅଗ୍ରଗତି କରିପାରିବେ ସେ ସମ୍ବନ୍ଧରେ ତାଙ୍କ ଅଭିଜ୍ଞତା ରହିଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଡୁରୁକାଙ୍କୁ ଉପଢୌକନ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ଗୋମ୍ପାକୋଣ୍ଡା କେନାଲରୁ ୨ ଗୁରୁତର ଉଦ୍ଧାର

**ଅଟୋକୁ ଧକ୍କା ଦେଲା ଟ୍ରକ୍**

- କେନାଲକୁ ଅଟୋ ଖସିପଡ଼ିବାରୁ ୨ ଗୁରୁତର

କୋରୁକୋଣ୍ଡା, ୪।୫(ଶିବଦତ୍ତ ସାହୁ)



ସ୍ଥାନୀୟ ଲୋକେ କେନାଲରୁ ଅଟୋକୁ କାଢୁଛନ୍ତି।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମଟାପାଲ୍ଲୀ ପଞ୍ଚାୟତ ଅଧୀନ ବାଲିମେଳା -କାଳିମେଳାକୁ ସଂଯୋଗ କରୁଥିବା ଗୋମ୍ପାକୋଣ୍ଡା କେନାଲ ମୁଖ୍ୟ ରାସ୍ତା ତଥା ସିନ୍ଧିବେଡ଼ା ଗ୍ରାମ ନିକଟରେ ସୋମବାର ଅପରାହ୍ନରେ ଏକ ଅଟୋ-ମିନିଟ୍ରକ୍ ଦୁର୍ଘଟଣା ଘଟିଛି। ମିନିଟ୍ରକ୍ ଦକ୍କାରେ ଅଟୋଟି ନିକଟସ୍ଥ କେନାଲକୁ ଖସି ପଡ଼ିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଟୋ ଓ ଗୁରୁତର ଅବସ୍ଥାରେ ଥିବା ୨ଜଣଙ୍କୁ ଉଦ୍ଧାର କରିଛି। ସେମାନେ ହେଲେ ଏମଭି -୫୧ ଗ୍ରାମର ଗୋବିନ୍ଦ ବିଶ୍ୱାସ ଏବଂ ତାଙ୍କ ପୁଅ ଜୟଦୀପ।

ପୋଲିସ ସୂଚନାନୁଯାୟୀ, ଏକ ଅଟୋ (ଓଡି-୩୦ବି-୧୩୧୫) କିଛି ସାମଗ୍ରୀ ନେଇ ଚିନ୍ତଲବେଡ଼ା ଗ୍ରାମ ନିକଟରେ ହେଉଥିବା ସାପ୍ତାହିକ ହାଟକୁ ଯାଉଥିଲା। ଏହି ସମୟରେ ପଛ ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ମିନିଟ୍ରକ୍ (ଓଆର-୧୦ଜି-୮୯୮୭) ହଠାତ ଉକ୍ତ ଅଟୋକୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଗୋମ୍ପାକୋଣ୍ଡା କେନାଲକୁ ଖସି ଗଭୀର ପାଣିରେ ବୁଡ଼ି ଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଅଟୋ ଭିତରେ ଥିବା ଗୋବିନ୍ଦ ଏବଂ ତାଙ୍କ ପୁଅ ଜୟଦୀପଙ୍କୁ ଉଦ୍ଧାର କରିଥିଲେ। ଉଭୟ ଗୁରୁତର ଥିବାରୁ ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଚିକିତ୍ସା ନିମନ୍ତେ ବାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଡାକ୍ତର ଉଭୟଙ୍କୁ ମାଲକାନଗିରି ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରିଛନ୍ତି। ଓର୍କେଲ ଥାନାଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ଏଏସ୍ଆଇ ସତଦଳ ମଣ୍ଡଳଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଗାଡ଼ି ଜବତ କରିଛି। ଟ୍ରକ ଚାଳକଙ୍କୁ ଥାନାରେ ଅଟକ ରଖି ପୋଲିସ ଘଟଣାର ତଦନ୍ତ କରୁଛି।

ODISHA LIFT IRRIGATION CORPORATION LIMITED
(A GOVT. OF ODISHA UNDERTAKING)

OFFICE OF THE EXECUTIVE ENGINEER
LIFT IRRIGATION DIVISION, NABARANGPUR

Quotation Call Notice No. 512 Date.04.05.2026

Sealed quotation in the prescribed format is invited from interested reputed Travel Agencies / Individuals for providing 01 No. vehicle having sitting capacity not more than 7 Nos (driven 6+1) including driver, which shall confirm to the terms and conditions (Appendix-A) for official use under L.I. Division, Nabarangpur by A.E.E, L.I.Sub-Division, Umerkote and A.E.E, Mechanical, Nabarangpur on monthly rent basis:

1. The service provider shall have a valid GST registration to participate in the tendering.
2. The service provider, participating in the bidding process under the jurisdiction of Municipal Corporation, shall be registered on GeM platform.
3. The vehicle must be road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, valid Contract Carriage Permit, proof of up-to-date tax payment etc. mandatory for plying of vehicle.
4. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport/ passenger vehicle.
5. The Driver should be well behaved, gentle and obedient in nature.
6. A sum of Rs 6,000/- (Rupees Six Thousand) shall be deposited by the intending bidders in shape of Account Payee Bank Draft drawn in favour of the Executive Engineer, L.I. Division, Nabarangpur payable at Nabarangpur and submitted with tender as EMD. After completion of tender process, EMD shall be refunded to unsuccessful bidders.
7. The monthly rent of hire charges, excluding GST be quoted separately, excluding fuel.
8. The vehicle must have a fuel efficiency of 10 KM per Litre.
9. The details of the make and manufacture of the Vehicle, registration No., mileage (KM covered per litre) and name of the Driver, Driving License No. and period of validity should be specifically provided in the general bid information to be furnished with the Quotation/ Tender (Appendix-B)
10. The Quotation completed in all respect should reach the undersigned on or before 15.05.2026 by 4.00 PM and shall be opened on the same day at 4.30 PM in presence of the bidders or their authorized representatives.
11. The application form of quotation containing General Bid Information & Terms and Condition for Hiring of Vehicles etc., will be available with E.E. L.I. Division, Nabarangpur from date 06.01.2026 to 15.05.2026.

Sd./- (Er. Dillip Kumar Das)
EXECUTIVE ENGINEER

# ଜଙ୍ଗଲ ଉପରେ ଗୋଷ୍ଠୀଗତ ଅଧିକାର ଦାବି

ନବରଙ୍ଗପୁର,୪।୫(ସଦାଶିବ ପ୍ରହରାଜ)



ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ଗ୍ରାମବାସୀ।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡ଼ଡେମରା ପଞ୍ଚାୟତର ଜବାଗୁଡ଼ା ଗ୍ରାମବାସୀ ଜଙ୍ଗଲ ଉପରେ ଗୋଷ୍ଠୀଗତ ଅଧିକାର ଦାବି କରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାବେଶ ଜାନୀଙ୍କ ନେତୃତ୍ୱରେ ସାରୁ ସାନ୍ତା, ଶ୍ରୀଧର ସାନ୍ତା, ତୁଳା ବତି ସାନ୍ତା, ଉଜ୍ଜ୍ୱଳ ସାନ୍ତାଙ୍କ ସମେତ ଗାଁର ୪୦ ଜଣ ଅଭିଯୋଗ ଜଣାଇବାକୁ ଆସିଥିଲେ। ଜବାଗୁଡ଼ା ଗାଁକୁ ଲାଗି ପ୍ରାୟ ୨୦୦ ଏକର ସଂରକ୍ଷିତ ଜଙ୍ଗଲ ରହିଛି। ଦୀର୍ଘ ୫୦ ବର୍ଷ ଧରି ଜଙ୍ଗଲ ଜମି ସୁରକ୍ଷା ଦେଉଛନ୍ତି। ଜୀବିକା ନିର୍ବାହ ସହିତ ପ୍ରାଣୀସମ୍ପଦ ଜଙ୍ଗଲ ଉପରେ ନିର୍ଭର କରୁଛନ୍ତି । କିନ୍ତୁ ଗତ କିଛି ଦିନ ଧରି ଜଙ୍ଗଲ ଚାରିପଟେ ଗାତ ଖୋଳି ତାରବାଡ ଘେରି ଦିଆଯାଇଛି। ତେଣୁ ଜଙ୍ଗଲର ସୀମା ନିର୍ଦ୍ଧାରଣ କରି ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜବାଗୁଡ଼ା ଗାଁକୁ ଜଙ୍ଗଲ ଉପରେ ଗୋଷ୍ଠୀଗତ ସତ୍ତ୍ୱ ଅଧିକାର ପ୍ରଦାନ କରିବାକୁ ଗାଁ ଲୋକେ ଦାବି କରିଛନ୍ତି। ଅଭିଯୋଗପତ୍ର ପାଇବା ପରେ ଜିଲାପାଳ ମହେଶ୍ୱର ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# କଲ୍ୟାଣସିଂହପୁର ଲ୍ୟାମ୍ପ୍ସରେ ଦୁର୍ନୀତି ଅଭିଯୋଗ

ଗୁଣପୁର, ୪।୫
( ସୁଜାତା ପାଢ଼ୀ/ସଂକେତ ପାତ୍ର)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଲ୍ୟାମ୍ପ୍ସରେ ଆର୍ଥିକ ଅନିୟମିତତା ଅଭିଯୋଗ ଆସିଛି। ଚାଷୀମାନଙ୍କ ଜମା ଟଙ୍କା ଲ୍ୟାମ୍ପ୍ସ ପରିଚାଳନା ନିର୍ଦ୍ଦେଶକ ତାରିଣୀ ପ୍ରସାଦ ତ୍ରିପାଠୀ ହଡ଼ପ କରିଥିବା ଅଭିଯୋଗ ହୋଇଛି । ଶନିବାର ଏଆରସିଏସ୍ କାର୍ଯ୍ୟାଳୟ ଟିମ୍ ଚଢ଼ାଉ କରି ତଦନ୍ତ କରିଥିଲେ। ଲ୍ୟାମ୍ପ୍ସ ପକ୍ଷରୁ ବିଭିନ୍ନ କାମ ନାମରେ ମିଥ୍ୟା ଖର୍ଚ୍ଚ ଦର୍ଶାଇଯାଇଛି। କେଉଁଠି ପାଚେରୀ ନିର୍ମାଣ ତ କେଉଁଠି ମରାମତି କାମ ଦେଖାଇ ଟଙ୍କା ଉଠାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତଦନ୍ତ ବେଳେ ବ୍ୟାଙ୍କ ଜମା ଖାତା ଓ କ୍ୟାସ୍‌ବୁକ ମେଳ ଖାଉ ନ ଥିବାବେଳେ ହିସାବ ରକ୍ଷକଙ୍କ ଅଜାଣତରେ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଣ ହୋଇଥିବା ଜଣାପଡ଼ିଛି । ଏହି ଘଟଣା ପରେ ପରିଚାଳନା ନିର୍ଦ୍ଦେଶକ ତାରିଣୀ ପ୍ରାସାଦ ତ୍ରିପାଠୀଙ୍କୁ ଦାୟିତ୍ୱରୁ ହଟାଯାଇ ଏରିଆ ମ୍ୟାନେଜର ସିଲା ନିରଞ୍ଜନଙ୍କୁ ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି।

ସେହିପରି ଚାଷୀମାନଙ୍କୁ ନିମ୍ନମାନର ସାର ଓ ବିହନ ବଣ୍ଟନ ସହିତ ମଣ୍ଡିରେ ଅନିୟମିତତା କରି ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ତଦନ୍ତ ସମୟରେ ଜଣାପଡ଼ିଛି। ଶନିବାର ଏହି ତଦନ୍ତ ସମୟରେ ଲ୍ୟାମ୍ପ

## ପରିଚାଳନା ନିର୍ଦ୍ଦେଶକଙ୍କୁ ଦାୟିତ୍ୱରୁ ହଟାଗଲା

ପରିଚାଳନା କମିଟି ସଭାପତି ଶଙ୍କର ହୁଇକା, ଉପସଭାପତି ପ୍ରମିଳା କାଡ୍ରାକା ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ। ଘଟଣାର ତଦନ୍ତ ଚାଲିଛି ଓ ତଦନ୍ତ ପରେ ଦୁର୍ନୀତି ହୋଇଥିବା ଏବଂ କେତେ ଟଙ୍କା ହୋଇଛି ତାର ତଥ୍ୟ ସାମ୍ନାକୁ ଆସିବ। ପ୍ରାରମ୍ଭିକ ସୂତ୍ରରୁ ଦୁର୍ନୀତିର ପରିମାଣ ୫୦ ଲକ୍ଷରୁ ଅଧିକା ହୋଇ ନ ଥିବା ଅନୁମାନ କରାଯାଇଛି। ତଦନ୍ତ ପରେ ହିଁ ପ୍ରକୃତ ତଥ୍ୟ ମିଳିପାରିବ ବୋଲି ଡିଆରସିଏସ ଜନ୍ମେଜୟ ମହାପାତ୍ର ଓ କ୍ଷେତ୍ର ଅଧିକାରୀ ଜି. କୃଷ୍ଣମୂର୍ତ୍ତି ରାଓ କହିଛନ୍ତି। ଏ ନେଇ ଲ୍ୟାମ୍ପର ଖାତା ପାତ୍ର ଯାଞ୍ଚ ଚାଲିଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୩. ୪.୨୬ ଜିଲାସ୍ତରୀୟ ଜନ ଶୁଣାଣିରେ କେତେଜଣ ଚାଷୀ କଲ୍ୟାଣସିଂହପୁର ଲ୍ୟାମ୍ପସରେ ଦୁର୍ନୀତି ହେଉଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ତଦନ୍ତ ପାଇଁ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ତଦନ୍ତ ପାଇଁ ଡିଆରସିଏସ୍ ଜନ୍ମେଜୟ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେବା ପରେ ସେ ଲ୍ୟାମ୍ପକୁ ଆସି ତଦନ୍ତ ଆରମ୍ଭ କରିଥିଲେ। ଦୁର୍ନୀତିର ଚେର ଲମ୍ବିଥିବା ଜାଣି ପରିଚାଳନା କମିଟିର ସଭାପତି, ଉପ ସଭାପତି ଓ ସଦସ୍ୟମାନଙ୍କୁ ଏଆରସିଏସ ମହାପାତ୍ର ଚିଠି କରି ଲ୍ୟାମ୍ପକୁ ଡ଼କାଇଥିଲେ। ସମସ୍ତ ସଭ୍ୟ ଆସିବାପରେ ଟଙ୍କା କାରବାର ହୋଇଥିବା ପ୍ରମାଣପତ୍ର ଲ୍ୟାମ୍ପ ଏମ୍‌ଡି ତାରିଣୀପ୍ରସାଦ ତ୍ରିପାଠୀଙ୍କୁ ମାଗିବାରୁ କୌଣସି ପ୍ରମାଣ ଏ ଯାଏ ଦେଖାଇ ପାରିନଥିବାରୁ ସନ୍ଦେହରେ ବ୍ୟାଙ୍କ ଜମା ବହି ଓ ଦୈନନ୍ଦିନ ଖାତା ଯାଞ୍ଚ କରାଯାଇଥିଲା। ଉକ୍ତ ଖାତାରେ ହିସାବ ରକ୍ଷକଙ୍କ ଅଜାଣତରେ ବ୍ୟାଙ୍କ ଖାତାରୁ ଲକ୍ଷ ଲକ୍ଷ ଟଙ୍କା ଉଠିଯିବା ଦୈନିକ ଖାତାରେ ଲେଖା ନ ହେବା ଘଟଣା ସାମ୍ନାକୁ ଆସିଥିଲା। ସେହିଭଳି ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ଗ୍ରାଚ୍ୟୁଟି ଇପିଏଫ ଓ ସମସ୍ତ ଟଙ୍କା ଦୁଇ ଦୁଇ ଥର ହଡପ କଥା ମଧ୍ୟ ସାମ୍ନାକୁ ଆସିଥିଲା ।

# ଆମ୍ବେଡକର ୟୁଥ୍ କ୍ଲବ୍ ପକ୍ଷରୁ ଏସ୍‌ଡିସି ଅଧ୍ୟକ୍ଷଙ୍କୁ ଦାବିପତ୍ର


ଏସ୍‌ଡିସି ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗୁଡାରି, ୪।୫ (ପ୍ରମୋଦ କୁମାର ପତି)

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଶବରଙ୍କ ସୋମବାର ଗୁଡାରି ଗସ୍ତ ସମୟରେ ସ୍ଥାନୀୟ ଆମ୍ବେଡକର ୟୁଥ୍ କ୍ଲବ୍ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆମ୍ବେଦକର ଭବନ ନିର୍ମାଣ ନିମନ୍ତେ ଅନୁଦାନ ଯୋଗାଇ ଦେବାକୁ କ୍ଲବ୍ କର୍ମକର୍ତ୍ତା ଏସ୍‌ଡିସି ଅଧ୍ୟକ୍ଷଙ୍କୁ ଅନୁରୋଧ କରିଛନ୍ତି। ଆମ୍ବେଦକର ଭବନ ନିର୍ମାଣ ଦିଗରେ ସହଯୋଗ ରହିବ ବୋଲି ଅଧ୍ୟକ୍ଷ ବିଦ୍ୟାଧର ଶବର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଦାବିପତ୍ର ପ୍ରଦାନ ସମୟରେ ଇନ୍ଦ୍ର ବିଡ଼ିକାଙ୍କ ସମେତ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଅଧ୍ୟକ୍ଷ ବିଦ୍ୟାଧର ପ୍ରଥମେ ବ୍ଲକର ପେଣ୍ଡିଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ ଢେପାଗୁଡାରେ ମା' ମାଣିକେଶ୍ୱରୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ। ପରେ ଏମ୍‌କେରାଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟିଙ୍ଗି ପଦରରେ ଅନୁଷ୍ଠିତ ମା' ଠାକୁରାଣୀଙ୍କ ପର୍ବରେ ଯୋଗଦେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗତ ଶନିବାର କଡ଼ମା ଗ୍ରାମପଞ୍ଚାୟତର ମଧୁକୁପୁ ଓ ଢ଼େପଗାଁରେ କାଳ ବୈଶାଖୀ ପ୍ରଭାବରେ ଅନେକ ଲୋକଙ୍କ ଘରର ଟିଣ ଉଡିଯାଇଥିଲା। ଖବରପାଇ ଅଧ୍ୟକ୍ଷ ଏହି ଦୁଇ ଗ୍ରାମକୁ ଯାଇ କ୍ଷତିଗ୍ରସ୍ତ ପରିବାରଙ୍କୁ ଭେଟିଥିଲେ ଏବଂ ଆଗାମୀ ଦିନରେ ସେମାନଙ୍କ ଥଇଥାନ ନିମନ୍ତେ ଆଲୋଚନା କରିଥିଲେ। ଅଧ୍ୟକ୍ଷଙ୍କ ଗସ୍ତ ସମୟରେ ବ୍ଲକ ଭାଜପା ସଭାପତି ଅନନ୍ତ ନାରାୟଣ ଦେଓ, ନଗର ସଭାପତି ଜଗଦୀଶ ଚନ୍ଦ୍ର ନାୟକ, ମନୋଜ କୁମାର ପାଣିଗ୍ରାହୀ, କୁମାରୁଡୁ ମାଝୀ, ସମ୍ବରା ଶବରଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ନିଖୋଜ ଛାତ୍ରୀଙ୍କୁ ଉଦ୍ଧାର ପାଇଁ ନିବେଦନ

ଗୁଣପୁର,୪।୫(ସୁଜାତା ପାଢ଼ୀ)

ଜୈନିକା ନବମ ଶ୍ରେଣୀ ଛାତ୍ରୀ ନିଖୋଜ ହେବାର ୧୪ ଦିନ ବିତିଲାଣି, ହେଲେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିପାରିନି। ଝିଅକୁ ଖୋଜି ଆଣିବାକୁ ସୋମବାର ନାବାଳିକାଙ୍କ ମା'ବାପା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଝିଅକୁ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ପଦ୍ମପୁର ଥାନା ଅଧୀନ ତେମ୍ବାଗୁଡା ହାଟପଦାର ଜଣେ ୧୬ ବର୍ଷୀୟା ନାବାଳିକା ନିଖୋଜ ହୋଇଯାଇଛନ୍ତି। ସେ ଖମ୍ବାରୀଗୁଡା ବୁଦ୍ଧରାଜ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ଗତ ଏପ୍ରିଲ ୧୮ ତାରିଖ ସକାଳେ ଝିଅ ଘରେ ନ ଥିବାରୁ ପରିବାର ସଦସ୍ୟ ଖୋଜାଖୋଜି କରିଥିଲେ । କିନ୍ତୁ କୌଣସି ସୂଚନା ମିଳି ନ ଥିଲା। ପରିବର ଲୋକଙ୍କ କହିବା ଅନୁଯାୟୀ, ପଚରାଉଚରା ପରେ ଜଣାପଡ଼ିଥିଲା ଯେ ବିଷମକଟକ ଅଞ୍ଚଳର ମାର୍କମା ମନ୍ଦିର ସମ୍ମୁଖରେ ବସୁଥିବା ଗୌରୀନାଥ ପାଲକା ପ୍ରଲୋଭନ ଦେଖାଇ ଝିଅକୁ ନେଇଯାଇଛନ୍ତି। ଅଭିଯୁକ୍ତ ଗୌରୀ ନାଥ ବିବାହିତ ଏବଂ ତାଙ୍କର ଜଣେ କନ୍ୟା ସନ୍ତାନ ମଧ୍ୟ ଅଛନ୍ତି। ଏହି ଘଟଣାକୁ ନେଇ ପଦ୍ମପୁର ଥାନାରେ ମଧ୍ୟ ଗତ ୨୧ ତାରିଖରେ ନିଖୋଜ ମାମଲା ନଂ ୪୭/୨୬ରେ ମାମଲା ରୁଜୁ ହୋଇଛି।

# ଏ୧ ଗ୍ରେଡ୍ ପାଇଥିବା ୬ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କଲେ ଜିଲାପାଳ


ଜିଲାପାଳଙ୍କ ସହ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର।

ଗୁଣପୁର, ୪।୫(ସଂକେତ ପାତ୍ର/ସୁଜାତା ପାଢ଼ୀ)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ରାୟଗଡା ଜିଲାରେ ପାସ୍‌ହାର ୯୬.୫ ପ୍ରତିଶତ ରହିଛି । ଏ୧ ଗ୍ରେଡ ପାଇ ଜିଲାର ଗୌରବ ବଢ଼ାଇଥିବା ୬ଜଣ ମେଧାବୀ ଛାତ୍ରୀଛାତ୍ରୀଙ୍କୁ ରାୟଗଡା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ସୋମବାର ମାନପତ୍ର ଓ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି ଓ ବିଜ୍ଞାନ ସୁପରଭାଇଜର ଦୀପକ ବେହେରା ଉପସ୍ଥିତ ଥିଲେ। ଏ୧ ଗ୍ରେଡରେ ୫୫୪ ମାର୍କ ରଖି ଉତୀର୍ଣ୍ଣ ହୋଇଥିବା ଜିଲା ଟପ୍ପର ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ମନସ୍ୱିନୀ ଦାଶ, ଦ୍ୱିତୀୟ ସ୍ଥାନରେ ଥିବା ଆମ୍ବଦଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସ୍ୱୀକୃତି ରଥ, ତୃତୀୟରେ ଇମ୍ପା କ୍ୟାମ୍ପସ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସୁଦେଷ୍ଣା ପାଣିଙ୍କ ସହ ଚତୁର୍ଥ,ପଞ୍ଚମ ଓ ଷଷ୍ଠ ସ୍ଥାନ ଅଧିକାରୀ ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସିଦ୍ଧେଶ୍ୱର ଶବର, ସାଇ ଆଶୀର୍ବାଦ ରଥ,ରାଜେଶ୍ୱରୀ ବେହେରା ଏବଂ ତାଙ୍କ ଅଭିଭାବକମାନେ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ । ଉତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତରେ କିଏ କଣ ହେବାକୁ ସ୍ଥିର କରିଛନ୍ତି ସେ ବିଷୟରେ ପଚାରି ବୁଝିବା ସହ ନିଜ ଲକ୍ଷ୍ୟ ପୂରଣ କରିବା ପାଇଁ ସେମାନଙ୍କ ସଂକଳ୍ପ ଓ ନିଷ୍ଠା ହିଁ ଆଗାମୀ ଦିନରେ ଜିଲା ଓ ରାଜ୍ୟର ନାମକୁ ଆହୁରି ଗୌରବାନ୍ୱିତ କରିବ ବୋଲି ପରାମର୍ଶ ଦେଇଥିଲେ।

# ଟିନା କଣ୍ଡାଗିରି ଆଦିବାସୀ ମୋର୍ଚ୍ଚା ଜିଲା ସଭାପତି

ଗୁଣପୁର,୪।୫
( ସୁଜାତା ପାଢ଼ୀ)



ରାୟଗଡ଼ା ଜିଲା ଭାଜପା ଆଦିବାସୀ ମୋର୍ଚ୍ଚାର ଜିଲା ସଭାପତି ଭାବେ ଟିନା କଣ୍ଡାଗିରି ମନୋନୀତ ହୋଇଛନ୍ତି । ସେ ଦୀର୍ଘ ଦଶନ୍ଧି ଧରି ଦଳ ସହ ଜଡ଼ିତ ଥିବାବେଳେ ରାମନାଗୁଡ଼ା ଅଞ୍ଚଳରେ ତାଙ୍କର ଭଲ ସଂଗଠନ ରହିଛି। ତାଙ୍କୁ ଏହି ନୂତନ ଦାୟିତ୍ୱ ମିଳିଥିବାରୁ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଏବଂ ନେତା ଓ କର୍ମୀମାନେ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ଦଳ ତାଙ୍କ ଉପରେ ଭରସା କରିଥିବାରୁ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି ଏବଂ ରାଜ୍ୟ ସଭାପତି ମନମୋହନ ସାମଲ, ଜିଲା ଭାଜପା ସଭାପତି ଗୋପୀ ଆନନ୍ଦ ପ୍ରମୁଖଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି ।

# ପଶ୍ଚିମବଙ୍ଗରେ ଭାଜପାର ବିଜୟୀକୁ ନେଇ ବିଜୟ ଉତ୍ସବ


କଲ୍ୟାଣସିଂହପୁରରେ ଭାଜପା କର୍ମକର୍ତ୍ତା ବିଜୟ ଉତ୍ସବ ପାଳନ କରୁଛନ୍ତି।

କଲ୍ୟାଣସିଂହପୁର,୪।୫
(ଦୀପକ କୁମାର ପରିଡା)

ପଶ୍ଚିମବଙ୍ଗରେ ଭାଜପାର ବିଜୟ ହାସଲ ପରେ କଲ୍ୟାଣସିଂହପୁର ଭାଜପା ପକ୍ଷରୁ ସୋମବାର ବିଜୟ ଉତ୍ସବ ପାଳିତ ହୋଇଯାଇଛି। ରାୟଗଡା ଜିଲା ସଭାପତି ଗୋପୀ ଆନନ୍ଦଙ୍କ ଆଦେଶକ୍ରମେ ଜିଲା ସମ୍ପାଦକ ସନ୍ଦୀପ ଗୁଲୁଙ୍କ ନେତୃତ୍ୱରେ ସୋମବାର ସନ୍ଧ୍ୟାରେ କଲ୍ୟାଣସିଂହପୁର ଟାଉନରେ ବିଜୟ ଉତ୍ସବ ପାଳନ କରିଥିଲେ। ମାଝୀଗୁଡା (ଶିକାରପାଇ) ମଣ୍ଡଳ ସଭାପତି ଅନୀଲ କୁମାର ଜାଡି ଏବଂ କଲ୍ୟାଣସିଂହପୁର ମଣ୍ଡଳ ସଭାପତି ଅଜିତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରସ୍ପର ମିଠା ଖୁଆଇ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ। ଏହି ଉତ୍ସବରେ କୃଷ୍ଣ ସାମଲ, ରାମରାଓ କାଡ୍ରାକା, ଡି. ଶିବ ଅଚାରୀ, କିରଣ କୁମାର, ଶିବ ପଟ୍ଟନାୟକ, ନିରଞ୍ଜନ ମହାନନ୍ଦିଆ, ସୋମେଶ କୌଶଲ୍ୟାଙ୍କ ସହ ଉଭୟ ମଣ୍ଡଳର ଭାଜପାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ମା' ମାଣିକେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଗୁଡାରି, ୪।୫ (ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକର ପେଣ୍ଡିଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୌଡ଼ ଢେପାଗୁଡାରେ ମା' ମାଣିକେଶ୍ୱରୀ ଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗତ ୩୦ରୁ ଉତ୍ସବ ଆରମ୍ଭ ହୋଇଥିବାବେଳେ ସୋମବାର ସୂର୍ଯ୍ୟାର୍ଘ୍ୟ, ହୋମ, ସିଂହାସନ ପ୍ରତିଷ୍ଠା, ଦେବୀ ପ୍ରବେଶ, ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ତିମ ଦିବସରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗଦେଇ ମା'ଙ୍କ ଆଶୀର୍ବାଦ ନେଇଥିଲେ। ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା କାଞ୍ଚାଡା ସନ୍ତୋଷ କୁମାର ଓ ଧର୍ମପତ୍ନୀ କାଞ୍ଚଡା ସ୍ୱାତୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଥିଲେ। କାଶୀ ବିଶ୍ୱନାଥ ମିଶ୍ର, ଦୁର୍ଗା ପ୍ରସାଦ ନନ୍ଦ ଏବଂ ଅମର ପ୍ରସାଦ ରଥ ପୁରୋହିତ ଭାବେ ପୂଜା କାର୍ଯ୍ୟ ସମ୍ପାଦିତ କରିଥିଲେ। ଏହି ଅବସରରେ ବିଧାୟକ ସ୍ଥାନୀୟ କର୍ମୀଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ସହ ଗ୍ରାମର ସମସ୍ୟା ଉପରେ ଆଲୋଚନା କରି ଖୁବଶୀଘ୍ର ସମସ୍ୟା ଦୂରୀକରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସ ଜିଲା କାର୍ଯ୍ୟକାରୀ ସଦସ୍ୟ ରମାକାନ୍ତ ମାଝୀ, ଭି. ତ୍ରିନାଥ ରାଓ, ପାଣିଗ୍ରାହୀ କୌଶଲ୍ୟା, ନନ୍ଦ ବିଡ଼ିକା, ବଦ୍ରି ଗୌଡ଼, ରାମନାଥ ପରଜା, ଗୌରୀ ଶଙ୍କର ଚେଟି, ମୋହନ ପାଲାକା, ପୂର୍ବତନ ମଧୁବନ ସରପଞ୍ଚ ପାଣି ମାମ୍ବଲକା, ମକର ଧ୍ୱଜ କାଦମ୍ବାଲୁ, ଅନନ୍ତ ମାହାଙ୍କୁଡ ପ୍ରମୁଖ ଉପସ୍ଥିତ ଥିଲେ।


ମନ୍ଦିରରେ ବିଧାୟକଙ୍କ ସହ ସ୍ଥାନୀୟ ବାସିନ୍ଦା।

# ଦ୍ୱିତୀଚନ୍ଦ୍ର ପାଇଲେ ଗେଟ୍‌ୱେ ଓଡ଼ିଶା ସାରସ୍ୱତ ପ୍ରତିଭା ସମ୍ମାନ

ଗୁଣପୁର,୪।୫(ସୁଜାତା ପାଢ଼ୀ)

ଭୁବନେଶ୍ୱରସ୍ଥିତ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ ସମ୍ମିଳନୀ କକ୍ଷରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାରୁତି ମିଡିଆ ପ୍ରାୟୋଜିତ ଗେଟ୍‌ୱେ ଓଡ଼ିଶା ସାହିତ୍ୟ ସମାରୋହରେ ବିଶିଷ୍ଟ ସାହିତ୍ୟିକ ଡ. ଦ୍ୱିତୀଚନ୍ଦ୍ର ସାହୁଙ୍କୁ ସାହିତ୍ୟ ସୃଜନ ପାଇଁ ଗେଟ୍‌ୱେ ଓଡ଼ିଶା ସାରସ୍ୱତ ପ୍ରତିଭା ସମ୍ମାନ –୨୦୨୬ ରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଓ ସମ୍ମାନିତ ଅତିଥି ଭାବେ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଉତ୍କଳ କୁମାର ମିଶ୍ର, ଶିଳ୍ପପତି ଅଶୋକ କୁମାର ଶାରଦା ଏବଂ ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଯୋଗଦେଇଥିଲେ। ବିଶେଷ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ସଚିବ ସଞ୍ଜୟ କୁମାର ଛୁଆଲସିଂହ ଯୋଗଦାନ ପୂର୍ବକ ଡ. ସାହୁଙ୍କୁ ଉପଢୌକନ ଓ ସ୍ମାରକୀ ପ୍ରଦାନ ସହ ସମ୍ମାନିତ କରିଥିଲେ। ଉପସ୍ଥିତ ବିଶିଷ୍ଟ ଖବରଦାତା ନୀଳାମ୍ବର ମିଶ୍ର, ଭାସ୍କର ପରିଚ୍ଛା, ଗାଳ୍ପିକା ହିରଣ୍ମୟୀ ମିଶ୍ର, ପ୍ରାବନ୍ଧିକ ଅରୁଣ କୁମାର ନାୟକ, ପ୍ରଦୀପ ପ୍ରାମାଣିକ, ସୂର୍ଯ୍ୟ ମିଶ୍ର, ପିନାକୀ ମିଶ୍ର, ସୁବ୍ରତ ସେନାପତି, ସମ୍ପାଦକ ସୁବାସ ଷଡ଼ଙ୍ଗୀ ପ୍ରମୁଖ ଡ. ସାହୁଙ୍କୁ ଅଭିନନ୍ଦନ ଜଣାଇଥିଲେ। ଡ. ସାହୁ ଗେଟ୍‌ୱେ ଓଡ଼ିଶାରେ ନିରବଚ୍ଛିନ୍ନ ଭାବେ ଜନଜାତି ଅସ୍ମିତା ଓ ଅସ୍ମିତାର ସ୍ୱର ଶୀର୍ଷକରେ ନିୟମିତ ପ୍ରବନ୍ଧ ଲେଖି ଆସୁଥିବା ବେଳେ ତାଙ୍କ ପ୍ରବନ୍ଧକୁ ପାଠକମାନେ ଅପେକ୍ଷା କରିଥାନ୍ତି। ଡ. ସାହୁଙ୍କୁ ଏହି ଅବସରରେ ରାୟଗଡ଼ା ସାହିତ୍ୟ ମହୋତ୍ସବ କମିଟିର ସଦସ୍ୟ ସମେତ ବିକଳ୍ପ ପରିବାର ଓ ବିଭିନ୍ନ ସାହିତ୍ୟିକ, ପାଠକ, ଶୁଭେଚ୍ଛୁମାନେ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦ୍ୱିତୀଚନ୍ଦ୍ର ଓଡ଼ିଶାର ଜଣେ ପ୍ରତିଷ୍ଠିତ ସାହିତ୍ୟିକ ଭାବେ ଜଣାଶୁଣା ଏବଂ ତାଙ୍କର ସ୍ତମ୍ଭ, ଗଳ୍ପ, ଫିଚର, କବିତା, ଶିଶୁଲେଖା ଆଦି ନିୟମିତ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଆସୁଛି। ଅଦ୍ୟାବଧି ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ୩୦ଟି ବହୁ ମୂଲ୍ୟବାନ୍ ପୁସ୍ତକ ରଚନାକରି ପାଠକ ମହଲରେ ବେଶ୍ ଆଦୃତ ହୋଇପାରିଛନ୍ତି।


ଦ୍ୱିତୀଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଉଛି।

# ପୃଥକ ଭାବେ ବିଜୟ ଉତ୍ସବ ପାଳିଲେ ଭାଜପାର ଦୁଇ ଗୋଷ୍ଠୀ

ଗୁଣପୁର, ୪।୫(ସଂକେତ ପାତ୍ର)

ପଶ୍ଚିମବଙ୍ଗ ସାଧାରଣ ନିର୍ବାଚନରେ ଭାଜପା ବହୁମତ ପାଇ ରାଜ୍ୟ ସରକାର ଗଢିବାର ସ୍ୱପ୍ନ ସାକାର ହୋଇପାରିଛି। ଫଳରେ ସାରା ଦେଶରେ ବିଭିନ୍ନ ସ୍ଥାନରେ ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାୟଗଡା ଜିଲା ଗୁଣପୁର ନଗରରେ ମଧ୍ୟ ବିଜୟ ଉତ୍ସବ ପାଳନ କରାଯାଇଛି। କିନ୍ତୁ ଭିନ୍ନ ଭିନ୍ନ ଦୁଇ ଗୋଷ୍ଠୀ ପୃଥକ ସ୍ଥାନରେ ବିଜୟ ଉତ୍ସବ ପାଳନ କରିଥିବା ଦେଖିବାକୁ ମିଳିଛି। ଗୋଟିଏ ଗୋଷ୍ଠୀରେ ଏସ୍‌ଡିସି ଅଧ୍ୟକ୍ଷ ବିଦ୍ୟା ଶବର, ପୂର୍ବତନ ନଗର ସଭାପତି ଅମର ସାହୁ, ଶ୍ରୀନିବାସ ସ୍ୱାଇଁ, ରାମନଗୁଡ଼ା ବ୍ଲକ ଅଧ୍ୟକ୍ଷ ରବି ଗମାଙ୍ଗ, କିରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗୁଣପୁର ବାଇପାସ ଛକ ନିକଟରେ ବାଣ ଫୁଟାଇ, ମିଠା ବାଣ୍ଟି, ବାଜା ବଜାଇ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଅନୁରୂପ ଭାବେ ଆଉ ଏକ ଗୋଷ୍ଠୀ ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ବିଜୟ ଉତ୍ସବ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ନଗର ସଭାପତି ଜୟଦେବ ପଣ୍ଡା, ଟିଙ୍କୁ ପଣ୍ଡା, ଟିନା କଣ୍ଡାଗିରି, ଉଦୟ ପାଢି, ଶ୍ରଦ୍ଧା ପଣ୍ଡା, ଜଗଦୀଶ ପଣ୍ଡା ପ୍ରମୁଖ ସାମିଲ ଥିଲେ।

# ଫ୍ରଣ୍ଟିୟର ଟେକ୍ନୋଲୋଜିରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଉଦ୍‌ଘାଟିତ

ଗୁଣପୁର,୪।୫(ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଆଇଡିଏସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଫ୍ରଣ୍ଟିୟର ଟେକ୍ନୋଲୋଜିରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ସୋମବାର ଉଦ୍‌ଘାଟିତ ହୋଇଯାଇଛି । କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଡିଏସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଉପ ସଭାପତି ସୁନୀଲ ସୁବ୍ରମଣ୍ୟମ ଯୋଗଦେଇ ବର୍ତ୍ତମାନର ଦ୍ରୁତ ପରିବର୍ତ୍ତନଶୀଳ ପ୍ରଯୁକ୍ତିକ ପରିବେଶରେ ଅନୁକୂଳନ କ୍ଷମତାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ। ବିଶ୍ୱବିଦ୍ୟାଳୟର ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗଦେଇ ଅଧ୍ୟାପକମାନଙ୍କ ପାଇଁ ଏହି ସେଣ୍ଟର ଅଫ୍ ଏକ୍ସେଲେନ୍ସ ବିଶେଷ ଭାବେ ଉପକାରୀ ହେବ। ଏହା ତାଙ୍କର ଶିକ୍ଷାଦାନ କ୍ଷମତା ଓ ଗବେଷଣାର କ୍ଷମତାକୁ ଉନ୍ନତ କରିବ। ଭବିଷ୍ୟତରେ ନୂତନ ଜ୍ଞାନର ଅନ୍ୱେଷଣ ଓ ନିଷ୍ପତ୍ତି ନେବା, ଗବେଷଣା ଓ ପ୍ରଯୁକ୍ତିଗତ ଉନ୍ନତିରେ ତଥ୍ୟର ଭୂମିକା ଅତ୍ୟନ୍ତ ଜରୁରୀ ବୋଲି ଉପ କୁଳପତି ଡ. ଏଭିଏନ୍‌ଏଲ୍ ଶର୍ମା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆଇଡିଏସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଉପ ସଭାପତି ସୁନୀଲ ସୁବ୍ରମଣ୍ୟମ ଏବଂ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନ୍‌ଭିଜେ ରାଓଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ଡେପୁଟି ଡିନ୍ ଡ. କେ. ମୁରଲୀ ଗୋପାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡ. ଡି. ଅନିଲ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାଙ୍କ ଦକ୍ଷତା ବିକାଶ ନିମନ୍ତେ ଏଆଇ, ବ୍ଲକ୍‌ଚେନ ଓ ସାଇବର ସୁରକ୍ଷାରେ ନୂଆ ଦିଗ ବିଷୟରେ ୩ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରହିଛି।



ଅତିଥିମାନେ ଚୁକ୍ତିପତ୍ର ପ୍ରଦର୍ଶନ କରୁଛନ୍ତି।

# ୬ ଅଭିଯୋଗର ତୁରନ୍ତ ଫଇସଲା କଲେ ଜିଲାପାଳ

## ଶିବିରରେ ୪୧ ଅଭିଯୋଗ ପଞ୍ଜୀକୃତ

ରାୟଗଡ଼ା,୪।୫(ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ଜିଲା ସଦର ମହକୁମାସ୍ଥିତ ଜିଲା ପରିଷଦ ସଦ୍‌ଭାବନା ସଭାଗୃହଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ୱାତି ଏସ୍ କୁମାର, ବିଭାଗୀୟ ବନ ଅଧିକାରୀ ସଚିନ ଆନ୍ନାସାହେବ ଓହଲ, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଶାନ୍ତ ମିଶ୍ର, ଉପଜିଲାପାଳ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ଅଧିକାରୀ ଚନ୍ଦ୍ରକାନ୍ତ ମାଝୀ ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ମୋଟ ୪୧ଟି ଅଭିଯୋଗ ଜିଲାପାଳଙ୍କ ପାଖକୁ ଆସିଥିଲା । ସେଥିମଧ୍ୟରୁ ୩୧ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୬ଟି ଗ୍ରାମବାସୀଙ୍କର ସାମୂହିକ ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ଜିଲାପାଳ ମୋଟ ୪ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୪୦,୦୦୦ ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ୬ଟି ଅଭିଯୋଗର ତୁରନ୍ତ ଶୁଣାଣିକରି ଶିବିରରେ ଫଇସଲା କରାଯାଇଥିଲା। ଅନ୍ୟ ସମସ୍ତ ଅଭିଯୋଗ ଜିଲାପାଳ ଗ୍ରହଣ କରିବା ପରେ ଅଭିଯୋଗଗୁଡ଼ିକୁ ତଦନ୍ତକରି ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



ଶିବିରରେ ଜିଲାପାଳ ଓ ଏସ୍‌ପି ଅଭିଯୋଗର ଶୁଣାଣି କରୁଛନ୍ତି।

# ହୋଇପାରିଲାନି ଜନଶୁଣାଣି, ଫେରିଲେ ଅଧିକାରୀ

ନନ୍ଦପୁର/ପାଡୁଆ, ୪।୫ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)


ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରୁଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଲୋକେ

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ବାଲାଡ଼ା ପଞ୍ଚାୟତରେ ଜନଶୁଣାଣି ଥିବା ବେଳେ ଏହା ପୂର୍ବରୁ ଲୋକେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଦେଇଥିବା ଦେଖିବାକୁ ମିଳିଛି। ଜନଶୁଣାଣି ପାଇଁ ଆସିଥିବା ଅଧିକାରୀମାନେ ଫେରିଯାଇଥିଲେ। ପୂର୍ବ ଶିବିରରେ ପଞ୍ଜୀକୃତ ପଞ୍ଚାୟତବାସୀଙ୍କ ରାସ୍ତା, ପାଣି, ଆବାସ, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ଭିତ୍ତିଭୂମି ଆଦି ସମସ୍ୟାର ସମାଧାନ ଏଯାଏ ହୋଇ ନ ଥିବା ଅଭିଯୋଗ କରାଯାଇଛି। ସରପଞ୍ଚଙ୍କ ବିରୋଧରେ ୮ ୱାର୍ଡ ସଭ୍ୟ ଆଗତ କରିଥିବା ଅନାସ୍ଥା ପ୍ରସ୍ତାବର ବିଚାର କରିବାକୁ ବିଭିନ୍ନ ଆଳ ଦେଖାଇ ବ୍ଲକ ଓ ଜିଲା ପ୍ରଶାସନ ଏଡାଇ ଚାଲିଥିବା କୁହାଯାଇଛି। ନାଗେଶ୍ୱରି ପାହାଡ଼ରୁ ବକ୍ସାଇଟ ଖଣି ଖନନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଫର୍ଜୀ ଗ୍ରାମସଭାରେ ମୃତକ ଓ ଅନୁପସ୍ଥିତ ଲୋକଙ୍କ ସନ୍ତକ କରି ସଫଳ ହୋଇଥିବା ପ୍ରଶାସନ ଘୋଷଣା କରିଥିଲା। ଉକ୍ତ ଗ୍ରାମସଭାକୁ ବାତିଲ କରିବାକୁ ସମସ୍ତ ପ୍ରମାଣ ଦେବା ସତ୍ତ୍ୱେ ଦାବି ଓ ଅନୁରୋଧକୁ ପ୍ରଶାସନ ଅଣଦେଖା କରିଥିବା କୁହାଯାଇଛି। ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନ ଦ୍ୱାରା ପଞ୍ଚାୟତବାସୀ ବାରମ୍ବାର ପ୍ରତାରଣାର ଶିକାର ହୋଇଥିବା ଲୋକେ କହିଛନ୍ତି। ଏଥିପାଇଁ ନୂତନ ଜନଶୁଣାଣି କାହିଁକି ବୋଲି ଲୋକେ ପ୍ରଶ୍ନ କରି ତାଲା ପକାଇଦେଇଥିଲେ। ପଞ୍ଚାୟତବାସୀ, ନିର୍ବାଚିତ ୱାର୍ଡସଭ୍ୟ, ନାଗେଶ୍ୱରି ସୁରକ୍ଷା ସମିତି ସଦସ୍ୟ ବାଲଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଜନଶୁଣାଣିକୁ ବିରୋଧ କରିଛନ୍ତି। କାର୍ଯ୍ୟାଳୟ ବାହାରେ ସକାଳୁ ବ୍ଲକରେ କାର୍ଯ୍ୟରତ ସହଯୋଗୀ ବିଭାଗର ଅଧିକାରୀମାନେ ବିଡିଓଙ୍କୁ ଅପେକ୍ଷା କରିଥିଲେ। ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ଦୁର୍ଗାପ୍ରସାଦ ଦୋରା ପାଡୁଆ ଥାନାଧିକାରୀ ଅଶୋକ ବିଷୋୟୀ ଓ ପୋଲିସ ପୂର୍ବାହ୍ନ ୧୦ଟାରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଲୋକେ ଜିଦରେ ଅଟଳ ରହି ପୂର୍ବ ଅଭିଯୋଗଗୁଡ଼ିକର ସମାଧାନ କରିବା ପରେ ନୂତନ ଜନଶୁଣାଣି ଆୟୋଜନ କରାଯିବ କହି କାର୍ଯ୍ୟାଳୟ ଭିତରକୁ କାହାରିକୁ ଛାଡ଼ି ନ ଥିଲେ। ଏଥିରେ ବାଧ ହୋଇ ବିଡିଓ ଦୋରା, ସିଡିପିଓ ମିନତି ବାଳା ପଟ୍ଟନାୟକ, ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗ, ଟିପି ଏସଓଡିଏଲ ଯନ୍ତ୍ରୀ ପ୍ରଭୁ ମଲ୍ଲିକ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଫେରି ଯାଇଥିଲେ।

# ପୁରୀରୁ ଶାବର ଶ୍ରୀକ୍ଷେତ୍ରରେ ପହଞ୍ଚିଲା ରଥଚକ

କୋରାପୁଟ,୪।୫(ଅମିତାଭ ବେହେରା)



ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା ରଥ ଚକ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ସ୍ୱାଗତ କରାଯାଇଛି। ଗୁଣ୍ଡିଚା ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି ମନ୍ଦିର ଯାଏ ନିଆଯାଇଥିଲା। ଭକ୍ତମାନେ ଭଜନ, କୀର୍ତ୍ତନ କରିଥିଲେ। ପୂର୍ବରୁ ପୁରୀରୁ ଜଗନ୍ନାଥ ଓ ସୁଭଦ୍ରାଙ୍କ ରଥ ଚକ ଆସିଥିଲା। ବଳଭଦ୍ରଙ୍କ ରଥ ଚକ ସୋମବାର ପହଞ୍ଚିଛି। ପୁରୀ ଶ୍ରୀକ୍ଷେତ୍ରର ୩ ରଥଚକ ଶାବର ଶ୍ରୀକ୍ଷେତ୍ରରେ ସ୍ଥାପନ କରିବା ଆଶାପୂରଣ ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ମନ୍ଦିର ଭାରପ୍ରାପ୍ତ ସମ୍ପାଦକ ଭବାନୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ହଷ୍ଟେଲ ସୁବିଧା ନ ଥିବାରୁ ଛାତ୍ରୀଛାତ୍ର ହଇରାଣ

ଲକ୍ଷ୍ମୀପୁର, ୪।୫(ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍ ଗୌଡ଼ଗୁଡ଼ା ଆଦର୍ଶ ବିଦ୍ୟାଳୟରେ ହଷ୍ଟେଲ ସୁବିଧା ନ ଥିବାରୁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଦୂରଦୂରାନ୍ତରୁ ଯାତାୟତ କରିବା ଦ୍ୱାରା ବହୁ ଖର୍ଚ୍ଚାନ୍ତ ହେଉଥିବାରୁ ଛାତ୍ରୀଛାତ୍ର ବିଦ୍ୟାଳୟ ପ୍ରତିବିମୁଖ ହେଉଥିବା କେତେକ ଅଭିଭାବକ କହିଛନ୍ତି। ଗୌଡ଼ଗୁଡ଼ା ଆଦର୍ଶ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଯାଏ ପିଲା ପଢ଼ିବା ସୁଯୋଗ ଥିଲେ ସୁଦ୍ଧା ସ୍କୁଲଠାରୁ ପ୍ରାୟ ୪୦ କି.ମି. ଦୂରରେ ପିପଲପଦର, କୁଟିଙ୍ଗ ପଞ୍ଚାୟତ ରହିଛି। ଓଡ଼ିଆ ପେଣ୍ଠ ଭଳି ଦୁର୍ଗମ ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କୁ ଦୈନିକ ଗାଡ଼ି ଭଡ଼ା ବାବଦକୁ ଶହେ ଟଙ୍କା ଦେବାକୁ ପଡୁଛି। ଏହି ସବୁ ଦୁର୍ଗମ ଗ୍ରାମାଞ୍ଚଳଗୁଡ଼ିକୁ ଯାତାୟାତ ପାଇଁ କୌଣସି ସରକାରୀ ଗାଡ଼ିର ସୁବିଧା ନ ଥିବାରୁ ପିଲାଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଅନ୍ୟ କେତେଜଣ ଛାତ୍ରୀଛାତ୍ର ବିଦ୍ୟାଳୟ ନିକଟ ଗୌଡ଼ଗୁଡ଼ା ଗାଁରେ ଘର ଭଡ଼ା ନେଇ ଜଙ୍ଗଲରୁ କାଠ ସଂଗ୍ରହ କରି ଜାଳେନି କରି ରୋଷେଇ କରି ରହୁଥିବା ନଜର ରହିଛି। ବିଦ୍ୟାଳୟରେ ମୋଟ ୩୫୮ ବିଦ୍ୟାର୍ଥୀ ପଢ଼ୁଛନ୍ତି। ସେମାନଙ୍କ ମଧ୍ୟରୁ ୧୫୮ ଛାତ୍ର ଓ ୨୦୦ ଛାତ୍ରୀ ଅଛନ୍ତି। ଏଠାରେ ୧୦୦ ଶଯ୍ୟା ବିଶିଷ୍ଟ ଏକ ମାତ୍ର ଛାତ୍ରୀ ନିବାସ ରହିଛି। ଅନ୍ୟ ୧୦୦ ଛାତ୍ରୀ ହଷ୍ଟେଲ ସୁବିଧାରୁ ବଞ୍ଚିତ ରହିଛନ୍ତି। ହଷ୍ଟେଲର ସୁବିଧା ନ ଥିବାରୁ ଚଳିତବର୍ଷ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୩୫ ଛାତ୍ରୀ ଆଡମିଶନ କରି ନ ଥିବା ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୨୪-୨୫ ଶିକ୍ଷାବର୍ଷରେ ଛାତ୍ର ନିବାସ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା ଏଯାଏ କାର୍ଯ୍ୟକାରୀ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। ଆଦିବାସୀ ପିଲାଙ୍କ ପାଇଁ ତୁରନ୍ତ ହଷ୍ଟେଲ ସୁବିଧା କରାଇବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ଛାତ୍ରୀଙ୍କୁ ଶିକ୍ଷା ସହାୟତା ଦେବାକୁ ଦାବି

ଜୟପୁର,୪।୫(ପବନ ପାଣିଗ୍ରାହୀ)

## ଜିଲାପାଳଙ୍କୁ ଭେଟି ଜଣାଇଲେ ସମସ୍ୟା

କୋରାପୁଟ ଜିଲା ଜୟପୁର ହାନାଗୁଡ଼ା ଅଞ୍ଚଳର ଜଣେ ଛାତ୍ରୀ ରିଧିମା ଧାନଫୁଲଙ୍କୁ ଅନେକ ଛାତ୍ରୀ ସହାୟତା କରିବାକୁ ଆଗେଇ ଆସିଛନ୍ତି। ଉକ୍ତ ଅଞ୍ଚଳର ଅନେକ ଯୁବତୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସି ସହାୟତା ପ୍ରଦାନ କରିବାକୁ ସୋମବାର ଅନୁରୋଧ କରିଛନ୍ତି। ରିଧିମାଙ୍କ ମା' ଓ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଜେଜେମାଙ୍କ ସେବା କରି ରହୁଛନ୍ତି। ଏଥିଯୋଗ ପାଠ ପଢିବାକୁ ଇଚ୍ଛା ଥିଲେ ସୁଦ୍ଧା ଅର୍ଥ ଅଭାବରୁ ପଢିପାରୁ ନ ଥିବା ଛାତ୍ରୀମାନେ ଶୁଣାଣିରେ ଜଣାଇଛନ୍ତି। ରିଧିମା ଜେଇଏଲସି ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ। ତାଙ୍କୁ ଶିକ୍ଷା ଗ୍ରହଣ ପାଇଁ ଅସୁବିଧା ହେଉଥିବାରୁ ଜିଲାପାଳ ଆର୍ଥିକ ସହାୟତା ପ୍ରଦାନ କରିବାକୁ କୁହାଯାଇଛି। ଏଥିଯୋଗୁ ସେ ଆଗକୁ ପାଠ ପଢ଼ା ଜାରି ରଖିପାରିବେ ବୋଲି ଦାବି କରାଯାଇଛି। ଜିଲାପାଳ ମହାଜନ ଏ ନେଇ ଶିକ୍ଷା ବିଭାଗକୁ ଜଣାଇଛନ୍ତି। ଯଶୋଦା ଯୋଜନାରେ ଶିକ୍ଷା ଗ୍ରହଣ ନେଇ ସୁବିଧା କରାଇବା ପ୍ରତିଶ୍ରୁତି ଦେଇଛନ୍ତି।

# ୬୭ ଅଭିଯୋଗ ଶୁଣି ସମାଧାନ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ଜୟପୁର,୪।୫(ପବନ ପାଣିଗ୍ରାହୀ)

## ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର

କୋରାପୁଟ ଜିଲା ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ମୋଟ ୬୭ ଅଭିଯୋଗ ହୋଇଥିଲା। ଏଥିରେ ୧୧ ଗୋଷ୍ଠୀଗତ ଓ ୫୬ ବ୍ୟକ୍ତିଗତ ସମସ୍ୟା ରହିଥିଲା। ଆର୍ଥିକ ସହାୟତା, ଘର ପଟ୍ଟା, ଜମି ବିବାଦ, ପାନୀୟ ଜଳ, ସ୍ୱାସ୍ଥ୍ୟ ସମସ୍ୟା, ରାସ୍ତା, ବିଦ୍ୟୁତ୍ ସରବରାହ ଆଦି ବିଭିନ୍ନ ସମସ୍ୟା ରହିଥିଲା। କେତେକ ହିତାଧିକାରୀ ୧୩ ବର୍ଷ ଧରି ବକେୟା ଆରଏସିପି ଅର୍ଥ ପାଇ ନ ଥିବା ଅଭିଯୋଗ ହୋଇଥିଲା। ମଞ୍ଜୁର ହେବା ସତ୍ତ୍ୱେ ଏଯାଏ ପ୍ରଦାନ କରାଯାଇନାହିଁ। ଆରଏସିପି ବକେୟା ପ୍ରାପ୍ତ ହିତାଧିକାରୀଙ୍କ ମଧ୍ୟରୁ ୨୧ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ୨ଶହରୁ ଉର୍ଦ୍ଧ୍ୱ ଅବସର ନେଇଥିବା ବେଳେ ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିବା ଜୟପୁର ବ୍ଲକର ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଏ ନେଇ ପଦକ୍ଷେପ ନେବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। କୋଟପାଡ଼ ତହସିଲ ଅନ୍ତର୍ଗତ ବତାସନା ପଞ୍ଚାୟତର ସରକାରୀ ଜମି ଜବରଦଖଲକାରୀଙ୍କୁ ହଟେଇ ଜମି ହୀନଙ୍କ ମଧ୍ୟରେ ବଣ୍ଟନ କରିବା ସହ କେତେକ ମୁଖ୍ୟ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି। ଜିଲାପାଳ ମହାଜନ ସମସ୍ତ ଅଭିଯୋଗକୁ ଗୁରୁତ୍ୱ ଦେଇ ବିଭାଗକୁ ଶୀଘ୍ର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ କୋରାପୁଟ ଏସ୍‌ପି ରୋହିତ ବର୍ମା, କାର୍ଯ୍ୟନିର୍ବାହୀ ଅଧିକାରୀ, କୋରାପୁଟ ଜିଲା ପରିଷଦ ବେଣୁଧର ଶବର, ଜୟପୁର ଉପଜିଲାପାଳ ଯଦୁମଣି ନାଏକ, ଏସ୍‌ଡିପିଓ ଅର୍ଚ୍ଚିତା ମିତ୍ତଲ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ରବୀନ୍ଦ୍ର ନାଥ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ତୃପ୍ତି ବୋରେଇ, ବିଡିଓ ଶକ୍ତି ମହାପାତ୍ର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଶିବିରରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ୧୫ ଅଭିଯୋଗର ତୁରନ୍ତ ସମାଧାନ ନିର୍ଦ୍ଦେଶ

ସୁନାବେଡା/ସେମିଳିଗୁଡ଼ା,୪।୫ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ କୁନ୍ଦିଲି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଏସଏସଓ ଟି. ଶୁରଭିଙ୍କ ଅଧ୍ୟକ୍ଷତାରେ ମୋଟ ୧୫ ଅଭିଯୋଗର ଶୁଣାଣି ହୋଇଛି। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିବିରରେ ବିପିସି ପେଶା ପ୍ରମୋଦ ଖିଲ, ପିଇଓ ଅଭିମନ୍ୟୁ ଖରା, ସରପଞ୍ଚ ରିତା ନାୟକ, ବିଭିନ୍ନ ବିଭାଗର ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶିବିରରେ ପଞ୍ଚାୟତ ଅଧୀନ ଉପର ସାହି ଓ ତଳ ସାହିରେ ୨ ସିସି ଡ୍ରେନ ନିର୍ମାଣ ପାଇଁ ଅଭିଯୋଗ ହୋଇଛି। ଉପର ସାହିରେ ଏକ ଷ୍ଟ୍ରିଟ ଲାଇଟ ସ୍ଥାପନ ପାଇଁ କୁହାଯାଇଛି। ହରିଜନ ସାହି ଓ ଉପର ସାହିରେ ୨ ସିସି ଡ୍ରେନ ମରାମତି, କେ ପୁଙ୍ଗାରରେ ନଳକୂପ ମରାମତି, ଗାଜି ସାହି ଓ ଗଙ୍ଗାମା ଛକରେ ନୂଆ ନଳକୂପ ସ୍ଥାପନ ଅଭିଯୋଗ ହୋଇଛି। ହରିଜନ ସାହିରେ ଶ୍ମଶାନ ନିର୍ମାଣ, ମାଝୀ ସାହିରେ ରୋଡ ମରାମତି, ତଳ ସାହିରେ ଗାଧୁଆ ଘର ନିର୍ମାଣ, କୁନ୍ଦୁଲିରେ କଲ୍ୟାଣ ମଣ୍ଡପ ନିର୍ମାଣ ଓ ମଝି କୁନ୍ଦୁଲିରେ କମ୍ୟୁନିଟି ହଲ ନିର୍ମାଣ ପାଇଁ ଅଭିଯୋଗ ହୋଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ।

# ପାଚେରି କାନ୍ଥ ପଡ଼ି ନାବାଳିକା ମୃତ

ବୈପାରିଗୁଡ଼ା,୪।୫(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଧୀନ କୁନ୍ଦୁରା ବ୍ଲକ୍ ପୁରୁଣାଘର୍ଷଡା ଗ୍ରାମରେ କାଳବୈଶାଖୀ ଯୋଗୁ ପବନ ହୋଇ ପାଚେରି କାନ୍ଥ ପଡ଼ି ଜଣେ ନାବାଳିକାଙ୍କ ରବିବାର ମୃତ୍ୟୁ ହୋଇଛି। ମୃତା ହେଲେ ଇନ୍ଦ୍ର ହରିଜନଙ୍କ ଝିଅ ସରସ୍ୱତୀ ହରିଜନ(୧୩)। ସରସ୍ୱତୀ ଘର ସମ୍ମୁଖରେ ଠିଆ ହୋଇଥିବା ବେଳେ ପାଖରେ ଥିବା ପବନ ଯୋଗୁ ପାଚେରି କାନ୍ଥ ତାଙ୍କ ଉପରେ ପଡ଼ିଯାଇଥିଲା। ସରସ୍ୱତୀଙ୍କୁ ଗୁରୁତର ଅବସ୍ଥାରେ ଜୟପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋମବାର ବୈପାରୀଗୁଡା ଥାନା ପୋଲିସ ଜୟପୁର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ଏ ନେଇ ବୈପାରିଗୁଡ଼ା ଥାନାରେ ନଂ. ୨୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ପୌରପାଳିକା ସ୍ୱଚ୍ଛତା ଟେଣ୍ଡରରେ ଅନିୟମିତତା ଅଭିଯୋଗ

ଜୟପୁର,୪।୫(ପବନ ପାଣିଗ୍ରାହୀ)

ଜୟପୁର ପୌରପାଳିକାରେ ସ୍ୱଚ୍ଛତା କାର୍ଯ୍ୟପାଇଁ ପ୍ରକାଶିତ ଟେଣ୍ଡର ଅନିୟମିତତା ହୋଇଥିବା କେତେକ କାଉନସିଲର ସୋମବାର ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ କାଉନସିଲରମାନେ ଲିଖିତ ଭାବେ ଜଣାଇଛନ୍ତି। ଫେବୃଆରି ୨୫ରେ ଟେଣ୍ଡର ନମ୍ବର ୧୦୩୮ ମାଧ୍ୟମରେ ସ୍ୱଚ୍ଛତା କାର୍ଯ୍ୟ ପାଇଁ ଚୁଡାନ୍ତ କରାଯାଇଥିଲା। ସହରର ପରିମଳ ବ୍ୟବସ୍ଥା ପାଇଁ କାଉନସିଲର ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ଟେଣ୍ଡର ବାହାର କରିବା ସମୟରେ ସ୍ୱାସ୍ଥ୍ୟ ଅଧିକାରୀ ଓ କମିଟିରେ କୌଣସି କର୍ମକର୍ତ୍ତା ଉପସ୍ଥିତ ନ ଥିଲେ। ଟେଣ୍ଡର କାର୍ଯ୍ୟ ପାଇଁ ପରିଷଦ କମିଟି ସଦସ୍ୟ ଓ ପରାମର୍ଶଦାତାଙ୍କୁ ଅନ୍ଧାରରେ ରଖାଯାଇଥିବା କୁହାଯାଇଛି। ଏକାଧିକ ପକ୍ଷଙ୍କର ସମାନ ସ୍କୋର ଓ ବିଡ ଥିବା ସ୍ଥିତିରେ ଲଟେରୀ ମାଧ୍ୟମରେ ଟେଣ୍ଡର କରାଯାଇଥିଲା। ପରେ ଦ୍ୱିତୀୟ ଲଟେରି ଡକାଯାଇଥିଲା। ଏହା ଏକ ନିର୍ଦ୍ଦିଷ୍ଟ ପକ୍ଷକୁ ସମର୍ଥନ କରିବାକୁ ପୂର୍ବ ପରିକଳ୍ପିତ ବୋଲି ଅନୁମାନ କରାଯାଉଥିବା ଉଲ୍ଲେଖ କରାଯାଇଛି। ଏ ନେଇ ଡୁଡାକୁ ଅବଗତ କରାଯିବ ବୋଲି ଜିଲାପାଳ କହିଛନ୍ତି। ଡୁଡା ପୌର କାର୍ଯ୍ୟାଳୟରେ ସିସିଟିଭି ଯାଞ୍ଚ କରିବା ପରେ ଟେଣ୍ଡର ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି। ଏହି ସମୟରେ କାଉନସିଲର ପାର୍ଥସାରଥୀ ମଲ୍ଲିକ, ଦେବରାଜ ଚେଧୁରୀ, ଏନ.ଲକ୍ଷ୍ମୀନାରାୟଣ, ପି.ପଦ୍ମା ରେଡ୍ଡୀ ଉପସ୍ଥିତ ଥିଲେ।

# ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ

କୁନ୍ଦୁରା,୪।୫(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଣୁଆ ପଞ୍ଚାୟତ ଲାଛନାଗୁଡ଼ା ଜଙ୍ଗଲ ଓ ପାହାଡ଼ର ଆଞ୍ଚଳରେ ଧବଳେଶ୍ୱର ଶୈବ ପୀଠ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଧବଳେଶ୍ୱର ମନ୍ଦିର ଓ ଭୋଗ ମଣ୍ଡପ ପ୍ରତିଷ୍ଠା ହୋଇଥିଲା। ସରୋଜ କୁମାର ସାବତ ଓ ତାଙ୍କ ପତ୍ନୀ ସସ୍ମିତା କର୍ତ୍ତା ଭାବେ ପୂଜାର୍ଚ୍ଚନା କରିଥିଲେ। ଦେବୀ ଶଙ୍କର ବ୍ରହ୍ମା, ପ୍ରତ୍ୟୁଷ ଦାଶ, ରଜତ ଶତପଥୀ, ଆଦିତ୍ୟ ପଣ୍ଡା ପୌରହିତ୍ୟରେ ବୈଦିକ ରୀତିନୀତିରେ ପ୍ରତିଷ୍ଠା କାର୍ଯ୍ୟକ୍ରମ ସମାପନ ହୋଇଥିଲା। ଏହି ପୀଠରେ ପ୍ରାୟ ୬ଲକ୍ଷ ଟଙ୍କା ବ୍ୟୟରେ ଏକ ଭୋଗ ମଣ୍ଡପ ନିର୍ମାଣ କରାଯାଇଛି। ଏହି ଅବସରରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ମଣ୍ଡପ ଉଦ୍‌ଘାଟନ କରିଥିଲେ। ମନ୍ଦିରକୁ ଯାଉଥିବା କଚ୍ଚା ରାସ୍ତାକୁ ଶୀଘ୍ର ପକ୍କା ରାସ୍ତାରେ ପରିଣତ କରାଯିବ ଓ ସମଗ୍ର ପରିସରରେ ଆଲୋକୀକରଣ ବ୍ୟବସ୍ଥା ସହ ପରିବେଶ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ବିଧାୟକ କହିଛନ୍ତି। ଏହି ଶୈବ ପୀଠ ଧାର୍ମିକ କେନ୍ଦ୍ର ହେବା ସହ ଏହାର ସୁନିୟୋଜିତ ଉନ୍ନତି ଓ ପରିବେଶ ସୁରକ୍ଷା ଜାରି ରହିଲେ ଏହା ଆଗାମୀ ଦିନରେ ଏକ ପ୍ରମୁଖ ତୀର୍ଥସ୍ଥଳୀ ଓ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଚିତ ହେବ। କାର୍ଯ୍ୟକ୍ରମରେ କୁନ୍ଦୁରା ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ, ବଣୁଆଗୁଡ଼ା ପଞ୍ଚାୟତ ସରପଞ୍ଚ ଦୃତି ଭୂମିଆ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।

# ୧୯ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



କୋରାପୁଟ, ୪।୫(ଅମିତାଭ ବେହେରା)

କୋରାପୁଟ ଜିଲାପ୍ରଶାସନ ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ୧୯ ଜଣ ଛାତ୍ରୀଛାତ୍ରଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ଏ-୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏଁଙ୍କ ସହ ବିଭାଗର ଅନ୍ୟ ଅଧିକାରୀ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଅଲିମ୍ପିଆଡ୍‌ରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପଦକ

ସୁନାବେଡା,୪।୫(କୃତ୍ତିବାସ ପ୍ରଧାନ)

୨୦୨୫ ଅଗଷ୍ଟ ୧୨ରେ ନୂଆଦିଲ୍ଲୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ଅଲିମ୍ପିଆଡ ଫଳାଫଳରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ଏମଏ ୪ର୍ଥ ସେମିଷ୍ଟାର ଛାତ୍ରୀ ଶୁଭଶ୍ରୀ ମିଶ୍ର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଛାତ୍ର ରୁପେଶ କୁମାର ପ୍ରଧାନ ରୌପ୍ୟ ପଦକ ହାସଲ କରିଥିବା ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ସହକାରୀ ପ୍ରଫେସର ତଥା ଇନଚାର୍ଜ ଡ. ନବିନ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ବାର୍ଷିକ ୬ ମିଲିୟନ ଟନ୍ ବକ୍ସାଇଟ ଖନନ ଦାବି

କୋରାପୁଟ, ୪।୫(ଅମିତାଭ ବେହେରା)

## କୋଡିଙ୍ଗାମାଳି ଖଣି ପ୍ରଭାବିତ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଧୀନ କୋଡିଙ୍ଗାମାଳି ଖଣିରୁ ବାର୍ଷିକ ୬ ମିଲିୟନ ଟନ୍ ବକ୍ସାଇଟ ଉତ୍ତୋଳନ ପାଇଁ ଅନୁମତି ଦେବାକୁ ଦାବି କରି ଖଣି ପ୍ରଭାବିତ ଗ୍ରାମବାସୀ ଜିଲାପାଳଙ୍କ ସୋମବାର ଦ୍ୱାରସ୍ଥ ହୋଇଛନ୍ତି। ଏଥିସହ ପରିବହନ କାର୍ଯ୍ୟ ବୃଦ୍ଧି କରିବାକୁ ଟିପ୍ପର ମାଲିକ ଓ କର୍ମଚାରୀ ସଂଘ ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଲକ୍ଷ୍ମୀପୁର କୋଡିଙ୍ଗାମାଳି ଶାନ୍ତି ସୁବାସ ଖଣି ପରିବହନ ସୋସାଇଟୀ ସଭାପତି ଅଙ୍କୁ ଖରାଙ୍କ ନେତୃତ୍ୱରେ ସଦସ୍ୟ ଅକ୍ଷୟ କୁମାର ତୁରୁକ, ଟଙ୍କଧର ଖରା, ବିଙ୍ଗୁ ମିନିୟେକା ସମେତ ଶତାଧିକ ଗ୍ରାମବାସୀ ଏହି ଦାବି କରିଛନ୍ତି। ବର୍ତ୍ତମାନ ୩ ମିଲିୟନ ଟନ ବଦଳରେ ୬ ମିଲିୟନ ଟନ ବକ୍ସାଇଟ ଖନନ କରାଗଲେ ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ ସମ୍ଭବ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, କୋଡିଙ୍ଗାମାଳି ପାହାଡ଼ରୁ ବକ୍ସାଇଟ ଖନନ ଆରମ୍ଭ ହେବା ପରେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଓଡ଼ିଆପେଣ୍ଠ, ତୟାପୁଟ, ଲକ୍ଷ୍ମୀପୁର ଆଦି ପଞ୍ଚାୟତର ଶତାଧିକ ଯୁବକ ରୋଜଗାର ପାଇଛନ୍ତି। କମ୍ପାନୀ ପକ୍ଷରୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରେ ମଧ୍ୟ ସହଯୋଗ ମିଳୁଥିବା ଦାବି କରାଯାଇଛି। ବର୍ତ୍ତମାନ ୨ଶରୁ ଉର୍ଦ୍ଧ୍ୱ ଯୁବକ ବ୍ୟାଙ୍କ ଋଣ ନେଇ ଟ୍ରକ ଓ ଟିପ୍ପର ଚଳାଇ ପରିବାର ପ୍ରତିପୋଷଣ ସହ ଅନେକେ ଡ୍ରାଇଭର, ହେଲ୍ପର ଓ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ ଅଛନ୍ତି। ଖନନ କ୍ଷମତାକୁ ୬ ମିଲିୟନ ଟନ କରାଗଲେ ୨ଗୁଣ ଯୁବତୀଯୁବକଙ୍କୁ ରୋଜଗାର ସୁଯୋଗ ମିଳିବା ସହ ସମ୍ପୃକ୍ତ କମ୍ପାନୀ ଅଞ୍ଚଳର ବିକାଶରେ ଅଧିକ ଅର୍ଥ ବ୍ୟୟ କରିବ ବୋଲି ସେମାନେ ଆଶା ରଖିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନରେଶ ଚନ୍ଦ୍ର ଶବର ଦାବିପତ୍ର ଗ୍ରହଣ କରିଥିଲେ।


ଦାବି ଜଣାଇବାକୁ ଆସିଥିବା ଗ୍ରାମବାସୀ।

# ଚାମ୍ପିୟନ ଦଳ ଜୋନାଲସ୍ତରୀୟ କ୍ରୀଡ଼ାରେ ଭାଗ ନେବେ

## ଉଦ୍‌ଯାପିତ ହେଲା ସିଏମ୍ କପ୍ ଟ୍ରଫି

ମାଲକାନଗିରି,୪।୫ (ଗୌରିଶଙ୍କର ପଣ୍ଡା)

ମାଲକାନଗିରି ଷ୍ଟାଡିୟମରେ ଗତ ମାସ ୨୦ ତାରିଖରୁ ଆୟୋଜିତ ହୋଇ ଆସୁଥିବା ସିଏମ୍ କପ୍ ଟ୍ରଫିର ସୋମବାର ଉଦ୍‌ଯାପିତ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଏମ୍‌ପି ବଳଭଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମାଲକାନଗିରି ଜିଲାପାଳ ପ୍ରଥମେସ ଅରବିନ୍ଦ ରାଜଶିର୍କେ, ଉପ ଜିଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଆଥେଲେଟିକ ସଂଘର ସମ୍ପାଦକ ରାମହରି ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ଚଳିତ ବର୍ଷ ଗତ ୨୦ ତାରିଖରେ ଆରମ୍ଭ ହୋଇଥିବା ସିଏମ୍ କପ ଟ୍ରଫି ଫୁଟବଲ, ଭଲିବଲ, କବାଡି, ଖୋକୋ ଭଳି କ୍ରୀଡାରେ ଜିଲାର ୭ଟି ବ୍ଲକରୁ ଫୁଟବଲରେ ୭ ଟି ଦଳ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରୁ ୪ଟି ଦଳ ମହିଳା ଫୁଟବଲ ଖେଳାଳି ଅଟନ୍ତି। ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ତେବେ ଖୋକୋ ମହିଳା ବର୍ଗରେ ଜିଲାର ବାଲିମେଳା ଦଳ ବିଜେତା ହୋଇଥିବା ବେଳେ ଚିତ୍ରକୋଣ୍ଡା ଦଳ ରନର୍ସ ହୋଇଥିଲା। ସେହିପରି ପୁରୁଷ ବର୍ଗ ଖୋକୋରେ ମଧ୍ୟ ବାଲିମେଳା ଦଳ ବାଜିମାତ କରିଥିବା ସହ ପଡିଆ ବ୍ଲକ ଦଳ ରନର୍ସ ହୋଇଥିଲା। କବାଡି ମହିଳା ବର୍ଗରେ ମାଲକାନଗିରି ଦଳ ବିଜୟୀ ଓ ପଡିଆ ଦଳ ରନର୍ସ, କବାଡି ପୁରୁଷ ବର୍ଗରେ ବାଲିମେଳା ଦଳ ଚାମ୍ପିୟାନ ଓ ପଡିଆ ଦଳ ରନର୍ସ, ଭଲିବଲ ପୁରୁଷ ବର୍ଗରେ ଖଇରପୁଟ ଦଳ ବିଜେତା ଓ ପଡିଆ ଦଳ ରନର୍ସ, ଭଲିବଲ ମହିଳା ବର୍ଗରେ ମାଲକାନଗିରି ଦଳ ବିଜେତା ହୋଇଥିବା ସହ ପଡିଆ ଦଳ ରନର୍ସ ହୋଇଥିଲା। ସେହିପରି ଫୁଟବଲ ମହିଳା ବର୍ଗରେ ଚିତ୍ରକୋଣ୍ଡା ଦଳ ବିଜୟୀ ହୋଇଥିବା ସହ କାଲିମେଳା ଦଳ ରନର୍ସ ହୋଇଥବଲା। ପୁରୁଷ ବର୍ଗରେ ସୋମବାର ଅନୁଷ୍ଠିତ ଶେଷ ଦିବାସୀୟ କ୍ରୀଡାରେ ମାଲକାନଗିରି ବ୍ଲକ ମାରଙ୍ଗବୁରୁ ଦଳ ୨ - ୦ ଗୋଲରେ ମାଲକାନଗିରି ଏଲେଭେନ ଷ୍ଟାର ଦଳକୁ ପରାଜିତ କରିଥିଲା। ଆଗାମୀ ଦିନରେ ସମସ୍ତ ଚାମ୍ପିୟନ ଦଳ ବ୍ରହ୍ମପୁରଠାରେ ହେବାକୁ ଥିବା ଜୋନାଲ ସ୍ତରୀୟ କ୍ରୀଡାରେ ଭାଗ ନେବେ। ସେଠାରେ ସଫଳତା ପାଇଲେ ରାଜ୍ୟସ୍ତରରେ ଅଂଶଗ୍ରହଣ କରିବେ ବୋଲି ସମ୍ପାଦକ ପଣ୍ଡା ପ୍ରକାଶ କରିଛନ୍ତି। ଏହାକୁ ଜିଲା କ୍ରୀଡା ଅଧିକାରୀ ମୁନ୍ନା ତୁରୁକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସହ ସମ୍ପାଦକ ଗୋପୀକୃଷ୍ଣ ପଟ୍ଟନାୟକ, ଦୂରଦର୍ଶନ ଓ ଆକାଶବାଣୀ କଟକର ପ୍ରତିନିଧି ଦୁର୍ଗାପ୍ରସାଦ ପଟ୍ଟନାୟକ, ସମାଜସେବୀ ବାବୁ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଅତିଥିଙ୍କ ସହ କୃତିତ୍ୱ ହାସଲ କରିଥିବା କ୍ରୀଡାବିତ୍‌ମାନେ।

